# NATIONAL NEWS BULLETIN (ODIA)

## 19 August - 2025

## Evening Bulletin : 7.15 p.m.

*******************************

## ମୁଖ୍ୟ ସମ୍ବାଦ

- ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଆଜି ମଧ୍ୟ ଉଭୟ ସଦନର କାର୍ଯ୍ୟ ବାଧାପ୍ରାପ୍ତ

– ଦିନକ ପାଇଁ ଉଭୟ ଗୃହ ମୁଲତବୀ

- ସଂସଦର ଅନୁମୋଦନ ଲାଭ କଲା ଖଣି ଏବଂ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍-୨୦୨୫
- ଓଡ଼ିଶାରେ ୬ ଲେନ୍ ବିଶିଷ୍ଟ ପ୍ରବେଶ ନିୟନ୍ତ୍ରିତ ରାଜଧାନୀ କ୍ଷେତ୍ର ରିଙ୍ଗରୋଡ୍ ନିର୍ମାଣକୁ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟର ଅନୁମୋଦନ
- ଯୁଦ୍ଧ ସମାପ୍ତ କରିବା ପାଇଁ ରୁଷ୍ ରାଷ୍ଟ୍ରପତିଙ୍କ ସହ ନିଃସର୍ତ୍ତ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି କହିଲେ ୟୁକ୍ରେନ୍ ରାଷ୍ଟ୍ରପତି

ଏବଂ

- ଏସୀୟ କପ୍ ପୁରୁଷ କ୍ରିକେଟ୍ ଟି-୨୦ ପ୍ରତିଯୋଗିତା ପାଇଁ ଭାରତୀୟ ଦଳ ଘୋଷିତ

# ପାର୍ଲାମେଣ୍ଟ ଆଡଜର୍ଣ୍ଣ

ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଏବଂ ଅନ୍ୟ କେତେକ ପ୍ରସଙ୍ଗକୁ ନେଇ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଆଜି ମଧ୍ୟ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ଦିନକ ପାଇଁ ସଦନକୁ ମୁଲତବୀ ଘୋଷଣା ପୂର୍ବରୁ ଲୋକସଭା ତିନିଥର  ଏବଂ ରାଜ୍ୟସଭା ଥରେ ମୁଲତବୀ ଘୋଷିତ ହୋଇଥିଲା । ଏ ସମ୍ପର୍କରେ ଏକ ରିପୋର୍ଟ....

ଦ୍ୱିତୀୟଥର ମୁଲତବୀ ପରେ ଅପରାହ୍ନ ୨ଟାରେ ଲୋକସଭା କାର୍ଯ୍ୟ ଆରମ୍ଭ ହୋଇଥିଲା । ମହାକାଶଚାରୀ ଗ୍ରୁପ୍ କ୍ୟାପଟେନ୍ ଶୁଭାଂଶୁ ଶୁକ୍ଲାଙ୍କ ଉପରେ ସ୍ୱତନ୍ତ୍ର ଆଲୋଚନା ଆରମ୍ଭ ହୋଇଥିଲା । ୨୦୪୭ ବିକଶିତ ଭାରତ ଲକ୍ଷ୍ୟ ନେଇ ମହାକାଶ କାର୍ଯ୍ୟକ୍ରମରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଏହି ଆଲୋଚନା କେନ୍ଦ୍ରୀଭୂତ ହୋଇଥିଲା । ଆଲୋଚନାରେ ଅଂଶଗ୍ରହଣ କରି ବିଜେପି ସାଂସଦ ନିଶିକାନ୍ତ ଦୁବେ ହଟ୍ଟଗୋଳ ସୃଷ୍ଟି କରି ବିରୋଧୀ ସଦସ୍ୟ ଗୃହକାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା ଏବଂ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିବାକୁ ଅନୁମତି ଦେଉନଥିବା ନେଇ ଅଭିଯୋଗ କରିଥିଲେ । ଶୁଭାଂଶୁ ଶୁକ୍ଲା ଭାରତର ପ୍ରଥମ ମହାକାଶଚାରୀ ଭାବେ

ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର ଆଇ.ଏସ୍.ଏସ୍.ରେ ପହଁଞ୍ଚି ଦେଶକୁ ଗର୍ବିତ କରିଛନ୍ତି ବୋଲି ସେ କହିଥିଲେ। ଭାରତୀୟ ମହାକାଶ କ୍ଷେତ୍ରକୁ ତତ୍କାଳୀନ କଂଗ୍ରେସ ସରକାର ଅବହେଳା ପ୍ରଦର୍ଶନ କରୁଥିଲେ ଏବଂ ଇସ୍ରୋକୁ ମଜଭୁତ କରିବା ପାଇଁ କିଛି କରିନାହାଁନ୍ତି ବୋଲି ଶ୍ରୀ ଦୁବେ କହିଥିଲେ। ତେବେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା। ଅପରାହ୍ନ ୪ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ତଥା ଅନ୍ୟାନ୍ୟ ପ୍ରସଙ୍ଗ ନେଇ ବିରୋଧୀ ସଦସ୍ୟମାନେ ଗୃହରେ ହଟ୍ଟଗୋଳ ସୃଷ୍ଟି କରିଥିଲେ। କୋଳାହଳପୂର୍ଣ୍ଣ ପରିବେଶ ମଧ୍ୟରେ ଆଇ.ଆଇ.ଏମ୍. ସଂଶୋଧନ ବିଲ୍-୨୦୨୫ ସଦନର ଅନୁମୋଦନ ଲାଭ କରିଥିଲା। ଗୃହର ଅଧ୍ୟକ୍ଷ ବିରୋଧୀ ସଦସ୍ୟଙ୍କୁ କାର୍ଯ୍ୟ ପରିଚାଳନାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ତେବେ ପରିସ୍ଥିତି ଅଣାୟତ ହେବାରୁ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି।

ରାଜ୍ୟସଭାରେ ମଧ୍ୟ ସମାନ ପରିସ୍ଥିତି ଦେଖିବାକୁ ମିଳିଥିଲା। ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଥିଲା। ଅପରାହ୍ନ ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାପରେ ଖଣି ଓ ଖଣିଜ ବିକାଶ ଏବଂ ନିୟନ୍ତ୍ରଣ ସଂଶୋଧନ ବିଲ୍-୨୦୨୫ ରାଜ୍ୟସଭାର

ଅନୁମୋଦନ ଲାଭ କରିଥିଲା । ତେବେ ବିରୋଧୀଙ୍କ ହଟ୍ଟଗୋଳ ପରିସ୍ଥିତି ନେଇ ଉପାଧ୍ୟକ୍ଷ ହରିବଂଶ ଆଜି ଦିନକ ପାଇଁ ମୁଲତବୀ ଘୋଷଣା କରିଛନ୍ତି ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସୁଚିସ୍ମିତା ସାହୁ

# ଆରଏସ୍-ମାଇନ୍ସ ଆଣ୍ଡ ମିନେରାଲସ

ଖଣି ଏବଂ ଖଣିଜ (ବିକାଶ ଓ ନିୟନ୍ତ୍ରଣ) ସଂଶୋଧନ ବିଲ୍-୨୦୨୫ ଆଜି ରାଜ୍ୟସଭାର ଅନୁମୋଦନ ଲାଭ କରିଛି । ଲୋକସଭାରେ ଏହି ବିଲ୍ ପୂର୍ବରୁ ପାରିତ ହୋଇସାରିଛି । ଏହି କ୍ଷେତ୍ରରେ କାର୍ଯ୍ୟକାରୀ ରହିଥିବା ୧୯୫୭ ଆଇନକୁ ସଂଶୋଧନ କରାଯାଇଛି । ପ୍ରଚଳିତ ଲିଜ୍‌ରେ ଅନ୍ୟ ଖଣିଜ ପଦାର୍ଥ ସାମିଲ କରିବା ପାଇଁ ଲିଜ୍‌ଧାରୀ ରାଜ୍ୟ ସରକାରଙ୍କୁ ଆବେଦନ କରିବାର ବ୍ୟବସ୍ଥା ଏହି ସଂଶୋଧିତ ବିଲ୍‌ରେ ରହିଛି । ଦେଶରେ ଖଣିଜ କ୍ଷେତ୍ରରେ ଅନୁସନ୍ଧାନ ପାଇଁ ପାଣ୍ଠି ଯୋଗାଇବା ଲକ୍ଷ୍ୟ ନେଇ ଏକ ଜାତୀୟ ଖଣିଜ ଅନୁସନ୍ଧାନ ଟ୍ରଷ୍ଟ ପ୍ରତିଷ୍ଠା କରିବାକୁ ଏହି ସଂଶୋଧିତ ବିଲ୍‌ରେ ବ୍ୟବସ୍ଥା ରହିଛି । ଏହି ବିଲ୍ ଅନୁଯାୟୀ ଖଣିଜ ପଦାର୍ଥ କାରବାରକୁ ପଞ୍ଜୀକରଣ ଏବଂ ନିୟନ୍ତ୍ରଣ କରିବା ପାଇଁ ଏକ କର୍ତ୍ତୃପକ୍ଷ କାର୍ଯ୍ୟକାରୀ କରାଯିବ । ବିଲ୍ ଉପରେ ଆଲେଚନାର ଉତ୍ତର ଦେଇ କୋଇଲା ଓ ଖଣି ମନ୍ତ୍ରୀ ଜି.କିଶାନ ରେଡ୍ଡୀ କହିଛନ୍ତି, ଖଣି କ୍ଷେତ୍ରରେ ସରକାର ନେଇଥିବା ପଦକ୍ଷେପ ଯୋଗୁଁ କୋଇଲା ଏବଂ ଖଣିଜ ପଦାର୍ଥର

ଉତ୍ପାଦନ ତ୍ୱରାନ୍ୱିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର କୋଇଲା ଉତ୍ପାଦନ ପ୍ରଥମଥର ପାଇଁ ୧ ବିଲିୟନ ଟନ୍ ଅତିକ୍ରମ କରିଛି ବୋଲି ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ତି।

## ଏଲ୍ଏସ୍-ଆଇଆଇଏମ୍ ବିଲ୍

ଆଇଆଇଏମ୍ ସଂଶୋଧନ ବିଲ୍-୨୦୨୫ ଆଜି ଲୋକସଭାରେ ପାରିତ ହୋଇଛି। ବିଲ୍ ଆଗତ କରି ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଆଇ.ଆଇ.ଏମ୍.-୨୦୧୭ ଆଇନକୁ ଏହି ବିଲ୍ ମାଧ୍ୟମରେ ସଂଶୋଧନର ପ୍ରସ୍ତାବ ରହିଛି। ଆସାମର ଗୌହ୍ୱାଟୀରେ ଆଇ.ଆଇ.ଏମ୍. ପ୍ରତିଷ୍ଠା କରାଯିବ। ଏହା ଦେଶର ଉତ୍ତର-ପୂର୍ବ କ୍ଷେତ୍ରର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ହେବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି। ଗୁଆହାଟୀ ଆଇ.ଆଇ.ଏମ୍ ପାଇଁ ୫୫୦ କୋଟି ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଛି। ଶ୍ରୀ ପ୍ରଧାନ କହିଛନ୍ତି, ଆସନ୍ତା ମାସରୁ ଦୁବାଇରେ ଆଇ.ଆଇ.ଏମ୍. କ୍ୟାମ୍ପସ ଖୋଲାଯିବ।

## କ୍ୟାବିନେଟ୍

ରାଜସ୍ଥାନର କୋଟା-ବୁନ୍ଦିଠାରେ ୧ ହଜାର ୫୦୭ କୋଟି ଟଙ୍କା ବ୍ୟୟରେ ଗ୍ରୀନ୍ ଫିଲ୍ଡ ବିମାନ ବନ୍ଦର ନିର୍ମାଣକୁ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଅତ୍ୟଧିକ ବ୍ୟସ୍ତ ସମୟରେ ୧ ହଜାର ଯାତ୍ରୀଙ୍କୁ ପରିଚାଳନା କରିବା ପାଇଁ ୨୦ ହଜାର

ବର୍ଗ କିଲୋମିଟର ଅଞ୍ଚଳରେ ଟର୍ମିନାଲ ଭବନ ନିର୍ମାଣ କରିବ। ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହା କହିଛନ୍ତି। ସେ କହିଛନ୍ତି, ୮ ହଜାର ୩୦୭ କୋଟି ୭୪ ଲକ୍ଷ ଟଙ୍କା ବ୍ୟୟରେ ଓଡ଼ିଶାରେ ୬ ଲେନ୍ ବିଶିଷ୍ଟ ପ୍ରବେଶ ନିୟନ୍ତ୍ରିତ ରାଜଧାନୀ କ୍ଷେତ୍ର ରିଙ୍ଗରୋଡ୍ ନିର୍ମାଣକୁ କ୍ୟାବିନେଟ୍ ଅନୁମୋଦନ ପ୍ରଦାନ କରିଛି। ଭୁବନେଶ୍ୱର ବାଇପାସ୍ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହରକୁ ଭାରିଯାନର ଚଳାଚଳରେ ମାର୍ଗ ପରିବର୍ତ୍ତନ କରିବା ସହ ଅନ୍ୟାନ୍ୟ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକୁ ଯୋଗାଯୋଗରେ ସୁବିଧା ପ୍ରଦାନ କରିବ। ମାଲ୍ ପରିବହନ ଦକ୍ଷତା ବୃଦ୍ଧି ସହ ଲଜିଷ୍ଟିକ୍ ଖର୍ଚ୍ଚ ହ୍ରାସ ଏବଂ ଏହି ଅଞ୍ଚଳରେ ସାମାଜିକ ଅର୍ଥନୈତିକ ଅଭିବୃଦ୍ଧିକୁ ଏହା ତ୍ୱରାନ୍ୱିତ କରିବ। ପ୍ରକଳ୍ପ ଦ୍ୱାରା ୭୪ ଲକ୍ଷ ୪୩ ହଜାର ପ୍ରତ୍ୟକ୍ଷ ନିଯୁକ୍ତି ଏବଂ ୯୩ ଲକ୍ଷ ୪ ହଜାର ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି।

**V/O–VAISHNAW-6-LANE**

## ପ୍ରେଜ୍- ଅଫିସର ଟ୍ରେନର୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଆଜି ରାଷ୍ଟ୍ରପତି ଭବନରେ ଭାରତୀୟ ବୈଦେଶିକ ସେବା ଅଧିକାରୀ ପ୍ରଶିକ୍ଷାର୍ଥୀ ସାକ୍ଷାତ କରିଛନ୍ତି। ସମାବେଶକୁ ସମ୍ବୋଧନ କରି ରାଷ୍ଟ୍ରପତି କହିଛନ୍ତି, ୨୦୪୭ ବିକଶିତ ଭାରତ ସ୍ୱପ୍ନ

ସାକାର କରିବାରେ କୂଟନୈତିକ ପ୍ରୟାସ ଏବଂ ଘରୋଇ ଆବଶ୍ୟକତାର ସମନ୍ୱୟ ହେବା ଉଚିତ। ପ୍ରଶିକ୍ଷାର୍ଥୀଙ୍କୁ ଅଭିନନ୍ଦନ ଜଣାଇ ରାଷ୍ଟ୍ରପତି ଦେଶର ସଭ୍ୟତାଗତ ଜ୍ଞାନର ମୂଲ୍ୟବୋଧ, ଶାନ୍ତି, ଅହିଂସା, ବହୁପାକ୍ଷିକ ଆଲୋଚନାକୁ ପ୍ରାଥମିକତା ପ୍ରଦାନ କରିବାକୁ ପରାମର୍ଶ ଦେଇଛନ୍ତି। ବୈଶ୍ୱିକ ସ୍ତରରେ ଭୂ-ରାଜନୈତିକ ପରିବର୍ତ୍ତନ, ଡିଜିଟାଲ ବିପ୍ଳବ, ଜଳବାୟୁ ପରିବର୍ତ୍ତନ ଏବଂ ପ୍ରତିଦ୍ୱନ୍ଦ୍ୱିତା ପୂର୍ଣ୍ଣ ପରିସ୍ଥିତି ଉପରେ ରାଷ୍ଟ୍ରପତି ଏହି ଅବସରରେ ଆଲୋକପାତ କରିଛନ୍ତି। ଭାରତ କେବଳ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ହେବା ସହ ନିରନ୍ତର ଅଭିବୃଦ୍ଧି ସମ୍ପନ୍ନ ଆର୍ଥିକ ଶକ୍ତିଭାବେ ଉଭା ହୋଇଛି। ବର୍ତ୍ତମାନ ସମୟରେ ସାଂସ୍କୃତିକ କୂଟନୀତିର ବୃଦ୍ଧି ପାଉଥିବା ଗୁରୁତ୍ୱ ଉପରେ ରାଷ୍ଟ୍ରପତି ଆଲୋକପାତ କରିଛନ୍ତି।

## ଇସି- ଇନିସିଏଟିଭ୍

ଦେଶରେ ନିର୍ବାଚନ ପ୍ରକ୍ରିୟାକୁ ସୁଗମ ଓ ଉନ୍ନତ କରିବା ପାଇଁ ନିର୍ବାଚନ କମିଶନ ଗତ ୬ ମାସ ମଧ୍ୟରେ ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏକ ବିବୃତିରେ ନିର୍ବାଚନ ସଂସ୍ଥା କହିଛି, ଏହି ପଦକ୍ଷେପଗୁଡ଼ିକ ମଧ୍ୟରେ ସମସ୍ତ ଅଂଶୀଦାରଙ୍କ ସହ ସମ୍ପର୍କ ସ୍ଥାପନ, ନିର୍ବାଚନ ପ୍ରଣାଳୀକୁ ସୁଦୃଢ଼ କରିବା, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ବୃଦ୍ଧି କରିବା, ମତଦାନରେ ସହଜତା, ନିର୍ବାଚନ ପ୍ରକ୍ରିୟାରେ ଶୁଦ୍ଧତା ଏବଂ କ୍ଷମତା ନିର୍ମାଣ ଅନ୍ତର୍ଭୁକ୍ତ। କମିଶନ କହିଛନ୍ତି, ୨୮ଟି ନୂତନ ପଦକ୍ଷେପ ଆରମ୍ଭ କରାଯାଇଛି। ସେଥିମଧ୍ୟରେ ନିଷ୍କ୍ରିୟ ପଞ୍ଜୀକୃତ ଅଣସ୍ୱୀକୃତି ପ୍ରାପ୍ତ ରାଜନୈତିକ

ଦଳଗୁଡ଼ିକୁ ଅଣତାଲିକାଭୁକ୍ତ କରିବା, ମତଦାନ କେନ୍ଦ୍ରରେ ଶତପ୍ରତିଶତ ଓ୍ୱେବକାଷ୍ଟିଂ, ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ, ରାଜନୈତିକ ଦଳ ଦ୍ୱାରା ନିଯୁକ୍ତ ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କୁ ତାଲିମ ପ୍ରଦାନ ଏବଂ ଜାତୀୟ ରାଜଧାନୀରେ ବୁଥ୍‌ସ୍ତରୀୟ ଅଧିକାରୀ ଓ ପର୍ଯ୍ୟବେକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ ରହିଛି ।

## ୟୁଏସ୍-ୟୁକ୍ରେନ୍-ରୁଷିଆ

ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମିର୍ ଜେଲେନସ୍କି କହିଛନ୍ତି, ଯୁଦ୍ଧ ସମାପ୍ତ କରିବା ପାଇଁ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସହ ଏକାକୀ ଆଲୋଚନା କରିବାକୁ ସେ ପ୍ରସ୍ତୁତ ଅଛନ୍ତି । କୌଣସି ସର୍ତ୍ତ ବିନା ଏହି ଆଲୋଚନାରେ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ଜେଲେନ୍ସ୍କି କହିଛନ୍ତି । ହ୍ୱାଇଟ୍ ହାଉସ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ୟୁରୋପୀୟ ନେତାମାନଙ୍କ ସହ ଆଲୋଚନା ପରେ ଶ୍ରୀ ଜେଲେନ୍‌ସ୍କି ଗଣମାଧ୍ୟମକୁ ସମ୍ବୋଧନ କରି ଏହା କହିଛନ୍ତି । ବୈଠକ ପରେ ରାଷ୍ଟ୍ରପତି ଶ୍ରୀ ଟ୍ରମ୍ପ' ରୁଷ୍ ଏବଂ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ମଧ୍ୟରେ ମୁହାଁମୁହିଁ ଆଲୋଚନା କରିବାକୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଘୋଷଣା କରିଛନ୍ତି । ଏଥିପାଇଁ ନିର୍ଦ୍ଧାରିତ ସ୍ଥାନ ଚିହ୍ନଟ କରାଯିବ ଏବଂ ପରେ ରୁଷ୍ ଏବଂ ୟୁକ୍ରେନ୍ ରାଷ୍ଟ୍ରପତିଙ୍କ ସହ ସେ ଏକ ତ୍ରିପାକ୍ଷିକ ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବେ ବୋଲି ଶ୍ରୀ ଟ୍ରମ୍ପ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାରମର୍ କହିଛନ୍ତି, ୟୁକ୍ରେନ୍‌ର ସମ୍ପୃକ୍ତି ବିନା କୌଣସି ନିଷ୍ପତ୍ତି ଗ୍ରହଣ କରାଯିବା

ଉଚିତ ନୁହେଁ। ରୁଷ୍ ବୈଦେଶିକ ମନ୍ତ୍ରୀ ସର୍ଗେ ଲାଭରୋଭ୍ ଆଜି କହିଛନ୍ତି, ମସ୍କୋ ଗସ୍ତ ପାଇଁ ଶ୍ରୀ ଟ୍ରମ୍ପଙ୍କୁ ଆନୁଷ୍ଠାନିକ ଭାବେ ନିମନ୍ତ୍ରଣ କରାଯାଇଛି।

## ଏସିଆ କପ- ସ୍କ୍ୱାର୍ଡ

ଏସିଆ କପ୍ କ୍ରିକେଟ ଟି-୨୦ ପ୍ରତିଯୋଗିତା ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି। ସୂର୍ଯ୍ୟ କୁମାର ଯାଦବ ଦଳର ଅଧିନାୟକ ଏବଂ ଶୁଭମନ ଗିଲ୍ ଉପ ଅଧିନାୟକ ଭାବେ ମନୋନୀତ ହୋଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ – ବିସିସିଆଇର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଆଜି ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି। ଯଶପ୍ରୀତ ବୁମରା ଏବଂ କୁଲଦୀପ ଯାଦବ ଭାରତୀୟ ଟି-୨୦ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଶର୍ମା, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା, ଅର୍ଶଦୀପ ସିଂହ, ବରୁଣ ଚକ୍ରବର୍ତ୍ତୀ, ସଞ୍ଜୁ ସାମସନ୍, ହର୍ଷିତ ରାଣା ଏବଂ ରିଙ୍କୁ ସିଂହ ଦଳରେ ନିଜର ସ୍ଥାନ ବଜାୟ ରଖିଛନ୍ତି। ଅତିରିକ୍ତ ଖେଳାଳି ଭାବେ ପ୍ରସିଦ୍ଧ କ୍ରିଷ୍ଣା, ୱାଶିଂଟନ ସୁନ୍ଦର, ରିଆନ ପରାଗ, ଧ୍ରୁବ ଜୁରେଲ ଏବଂ ଯଶସ୍ୱୀ ଜୟସ୍ୱାଲଙ୍କୁ ତାଲିକାଭୁକ୍ତ କରାଯାଇଛି। ଆବୁଧାବି ଏବଂ ଦୁବାଇଠାରେ ଆସନ୍ତାମାସ ୯ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଥିବା ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ରଖାଯାଇଛି। ଗ୍ରୁପ୍-ଏ'ରେ ଭାରତ ସହିତ ପାକିସ୍ତାନ, ଓମାନ ଏବଂ ୟୁଏଇ ରହିଛନ୍ତି। ସେପ୍ଟେମ୍ବର ୧୦ ତାରିଖରେ ୟୁଏଇ ବିପକ୍ଷରେ ଭାରତ

ଏହାର ଅଭିଯାନ ଆରମ୍ଭ କରିବ। ୧୪ ତାରିଖରେ ଭାରତ-ପାକିସ୍ତାନ ମୁକାବିଲା ହେବ।